ଫକିର ଚାନ୍ଦ ଏବଂ ଅନ୍ୟଜଣେ

ବନାମ

ସୁଦେଶ କୁମାରୀ

ସେପ୍ଟେମ୍ବର 21, 2006

[ଡ଼ାଃ ଏ. ଆର୍. ଲକ୍ଷ୍ମଣନ ଏବଂ ତରୁଣ୍ ଚାଟାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିର୍ଦ୍ଦିଷ୍ଟ ନିଦାନ ଆଇନ୍ , 1963-- ଧାରା 16 (c)-- ଚୁକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ମକଦ୍ଦମା-- ବାଦୀ ସର୍ବଦା ପ୍ରସ୍ତୁତ ଏବଂ ଚୁକ୍ତିନାମା ଅନୁଯାୟୀ ତାଙ୍କ ଦାୟିତ୍ୱର ଅଂଶକୁ ପାଳନ କରିବାକୁ ଇଚ୍ଛୁକ-- ବାଦୀଙ୍କ ଆଚରଣରୁ ନିରନ୍ତର ପ୍ରସ୍ତୁତି ଏବଂ ଇଚ୍ଛା ସମ୍ପୂର୍ଣ୍ଣ ଭାବରେ ଜଣାପଡୁଛି -- ନିମ୍ନ ଅଦାଲତଙ୍କ ଦ୍ୱାରା ମକଦ୍ଦମାରେ ପ୍ରଦାନ କରାଯାଇଥିବା ବିଚାରାଦେଶ ସଠିକ୍ ଭାବରେ ହୋଇଛି।*

ବିକ୍ରୟ ଚୁକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଉତ୍ତରଦାତା ମକଦ୍ଦମା ଦାୟର କରିଥିଲେ । ବର୍ତ୍ତମାନର ଆବେଦନରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା ତାହା ହେଉଛି ବିକ୍ରୟ ଚୁକ୍ତିନାମା ଅନୁଯାୟୀ ଉତ୍ତରଦାତା ତାଙ୍କ ଦାୟିତ୍ୱ ନିର୍ବାହ କରିବାକୁ କେବେ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ କି ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ତାଙ୍କ ଦ୍ୱାରା ଆଗତ ହୋଇଥିବା ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରିବାରେ ନିମ୍ନ ଅଦାଲତମାନେ ନ୍ୟାୟସଙ୍ଗତ ଥିଲେ କି।

ଏହି ଆବେଦନକୁ ଫଏସଲା କରି, ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ:1.1. ନିର୍ଦ୍ଦିଷ୍ଟ ନିଦାନ ଆଇନ୍, 1963 ର ଧାରା 16 (c) ଅନୁଯାୟୀ ଥିବା ଭାଷା କୌଣସି ନିର୍ଦ୍ଦିଷ୍ଟ ବାକ୍ୟାଂଶ ଆବଶ୍ୟକ କରେ ନାହିଁ, କିନ୍ତୁ କେବଳ ଏହା ଯେ ବାଦୀ ନିଶ୍ଚିତ ଭାବରେ ବୁଝିବେ ଯେ ସେ କାର୍ଯ୍ୟ କରିଛନ୍ତି କିମ୍ବା ସର୍ବଦା ପ୍ରସ୍ତୁତ ଅଛନ୍ତି ଏବଂ ଚୁକ୍ତିର ତାଙ୍କ ଅଂଶକୁ ପାଳନ କରିବାକୁ ଇଚ୍ଛୁକ ଅଛନ୍ତି । ତେଣୁ, ପ୍ରସ୍ତୁତି ଏବଂ ଇଚ୍ଛା ସହିତ ଅନୁପାଳନ, ବସ୍ତୁତଃ ଏବଂ ତତ୍ତ୍ୱଭିତ୍ତିରେ ହେବା ଆବଶ୍ୟକ, ଅକ୍ଷର ଓ ରୂପରେ ନୁହେଁ।

1.2. ସମଗ୍ର ଭାବରେ ବାଦୀଙ୍କ ଆଚରଣରୁ ତତକ୍ଷଣାତ୍ ମାମଲାରେ ନିରନ୍ତର ପ୍ରସ୍ତୁତି ଏବଂ ଇଚ୍ଛାକୁ ଉଚିତ ଭାବରେ ଦେଖାଯାଇପାରେ । 17.6.1985 ରେ ପକ୍ଷମାନଙ୍କ ମଧ୍ୟରେ ପ୍ରଥମ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ବିକ୍ରି ଦଲିଲ କାର୍ଯ୍ୟକାରୀ କରିବାର ଶେଷ ତାରିଖ 14.11.1985 ଥିଲା । ଦ୍ୱିତୀୟ ରାଜିନାମା 9.4.1987 ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ବିକ୍ରି ଦଲିଲ କାର୍ଯ୍ୟକାରୀ କରିବାର ଶେଷ ତାରିଖ 13.6.1987 ଥିଲା । ପୁନର୍ବାର, ପ୍ରତିବାଦୀଙ୍କ ଅନୁରୋଧରେ ସମୟକୁ 30.10.1987 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଯେହେତୁ ବିକ୍ରି ଦଲିଲ କାର୍ଯ୍ୟକାରୀ ହୋଇନଥିଲା, ତେଣୁ ପ୍ରତିବାଦୀ 26.11.1987 ରେ ମକଦ୍ଦମା ଦାୟର କରିବାକୁ ବାଧ୍ୟ ହୋଇଥିଲେ । ଏହା ପରେ, ଆବେଦନକାରୀ 7.1.1988 ରେ ଉତ୍ତରଦାତାଙ୍କୁ ଏକ ନୋଟିସ୍ ଜାରି କରିଥିଲେ । ଏଥିସହ ଉତ୍ତରଦାତା ସମ୍ପୂର୍ଣ୍ଣ ସ୍ଥିରୀକୃତ ବିକ୍ରୟ ପରିମାଣକୁ 18.5.1999 ରେ ଅଦାଲତରେ ଜମା କରିଛନ୍ତି । ଦସ୍ତାବିଜର ପଞ୍ଜୀକରଣ ପାଇଁ ସେ ନିବନ୍ଧନଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପସ୍ଥିତ ଥିଲେ । ତେବେ, ଆବେଦନକାରୀ-ପ୍ରତିବାଦୀ ନିବନ୍ଧନଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ଏହି ମାମଲାରେ ଦାଖଲ ହୋଇଥିବା ଆବେଦନ, ପ୍ରମାଣ ଏବଂ ଦସ୍ତାବିଜକୁ ଯତ୍ନର ସହ ଅନୁଧ୍ୟାନ କରିବା ଦ୍ୱାରା କେବଳ ଏହା ଜଣାପଡ଼ିବ ଯେ ଉତ୍ତରଦାତା ସର୍ବଦା ପ୍ରସ୍ତୁତ ଥିଲେ ଏବଂ ରାଜିନାମା ଅନୁଯାୟୀ ତାଙ୍କ ଦାୟିତ୍ୱ ନିର୍ବାହ କରିବାକୁ ଇଚ୍ଛୁକ ଥିଲେ ।ନିମ୍ନ ଅଦାଲତଙ୍କ ବିଚାରାଦେଶକୁ ନିଶ୍ଚିତ କରି ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ବିଚାରାଦେଶରେ କୌଣସି ଦୁର୍ବଳତା ନାହିଁ।

1.3.କିଛି ପରିମାଣରେ, ବିଳମ୍ବ ମଧ୍ୟ ଉତ୍ତରଦାତାଙ୍କ ପାଇଁ ଦାୟୀ । ତେଣୁ, ଆବେଦନକାରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ହେବ । ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ 1,00,000/ ଟଙ୍କା (ଏକ ଲକ୍ଷ ଟଙ୍କା) ଦେବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ବିଫଳ ହେଲେ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଉତ୍ତରଦାତାଙ୍କ ଦ୍ୱାରା ଆଗତ ହୋଇଥିବା ମକଦ୍ଦମା ଆପେଆପେ ଖାରଜ ହୋଇଯିବ ।ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ପ୍ରଦାନ କରାଯାଏ, ତେବେ ଆବେଦନକାରୀ କୌଣସି ବିଳମ୍ବ ନକରି ଉତ୍ତରଦାତାଙ୍କ ସପକ୍ଷରେ ବିକ୍ରି ଦଲିଲକୁ କାର୍ଯ୍ୟକାରୀ କରିବେ । ବିକ୍ରି ଦଲିଲ କାର୍ଯ୍ୟକାରୀ ହେବା ପରେ, ଆବେଦନକାରୀ ବିବାଦିତ ସମ୍ପତ୍ତିକୁ ଶାନ୍ତିପୂର୍ଣ୍ଣ ଭାବରେ ଖାଲି କରି ଉତ୍ତରଦାତାଙ୍କୁ ହସ୍ତାନ୍ତର କରିବେ ।

*କାଂଶୀ ରାମ ବନାମ ଓମ ପ୍ରକାଶ ଜୱାଲ ଏବଂ ଅନ୍ୟମାନେ* **[1996] 4 ଏସସିସି 593, ମାମଲାକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର:2006 ର ଦେୱାନୀ ଆବେଦନ ସଂଖ୍ୟା 4223/2006

ତା 17.2.2003 ରିଖରେ, ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଆର.ଏସ.ଏ. ସଂଖ୍ୟା 408/2003 ରେ ପ୍ରଦାନ କରାଯାଇଥିବା ଚୂଡ଼ାନ୍ତ ଆଦେଶରୁ ଏହି ଆବେଦନ ଆସିଛି ।

ଅମର ବିବେକ, ଯଶବୀର ସିଂ ମଲିକ ଏବଂ ଏସ୍. କେ. ସଭରୱାଲ, ଆବେଦନକାରୀ ପାଇଁ ।

ପି. ଏନ୍. ପୁରୀ, ଧୀରଜ ଏବଂ ଆର୍. କେ. ଯୋଶୀ, ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡ଼ାଃ ଏ. ଆର୍. ଲକ୍ଷ୍ମଣନଙ୍କ ଦ୍ୱାରା ।** ଅନୁମତି ପ୍ରଦାନ କରାଗଲା ।

ଅସଫଳ ପ୍ରତିବାଦୀ ହେଉଛନ୍ତି ଆମ ସମ୍ମୁଖରେ ଆବେଦନକାରୀ । ଏଠାରେ ଉତ୍ତରଦାତା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ କିମ୍ବା କ୍ଷତିର ବିକଳ୍ପ ଭାବରେ ଏକ ମକଦ୍ଦମା ଦାୟର କରିଥିଲେ । ନିମ୍ନରେ ଥିବା ସମସ୍ତ ତିନୋଟି ଅଦାଲତ, ଉଭୟ ମୌଖିକ ଏବଂ ଦସ୍ତାବିଜ୍ ଉପରେ ରଖାଯାଇଥିବା ସମଗ୍ର ତଥ୍ୟକୁ ବିଚାର କରି, ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରିଥିଲେ । ଆମ ସମ୍ମୁଖରେ ଶ୍ରୀଯୁକ୍ତ ଅମର ବିବେକ, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଯୁକ୍ତି କରିଥିଲେ ଯେ, ପ୍ରସ୍ତୁତି ଏବଂ ଇଚ୍ଛାର ଅନୁପସ୍ଥିତିରେ ଏକ ବିକ୍ରୟ ଦଲିଲ କାର୍ଯ୍ୟକାରୀ କରିବା; ଏକ ରାଜିନାମାର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରାଯାଇପାରିବ ନାହିଁ । ନିମ୍ନରେ ଦିଆଯାଇଥିବା ତିନୋଟି ନ୍ୟାୟାଳୟ ଦ୍ୱାରା ରାୟକୁ ଆମେ ଯତ୍ନର ସହ ଅନୁଧ୍ୟାନ କରିଛୁ । ଉଚ୍ଚ ନ୍ୟାୟାଳୟ ତାଙ୍କ ସମ୍ମୁଖରେ ଉପସ୍ଥାପିତ ସମଗ୍ର ବିଷୟବସ୍ତୁ ଉପରେ ବିଚାର କରି ମତ ରଖିଥିଲେ ଯେ ଦ୍ୱିତୀୟ ଆବେଦନରେ କୌଣସି ହସ୍ତକ୍ଷେପ ପାଇଁ ଆବଶ୍ୟକ ନାହିଁ ।

ଶୁଣାଣି ସମୟରେ ଆବେଦନକାରୀଙ୍କ ବିଦ୍ୱାନ ଓକିଲ ନିର୍ଦ୍ଦିଷ୍ଟ ନିଦାନ ଆଇନର ଧାରା 16 ଉପରେ ନିର୍ଭରଶୀଳ ଥିଲେ । ପ୍ରତିଦ୍ୱନ୍ଦ୍ୱୀଙ୍କ ଦାଖଲଗୁଡ଼ିକୁ ଗ୍ରହଣ କରିବପାଇଁ ହେଲେ, ଧାରା 16 (c) କୁ ବ୍ୟାଖ୍ୟା ସହିତ ଉଦ୍ଧୃତ କରିବାର ଆବଶ୍ୟକତା ରହିଛି ।ତାହା ନିମ୍ନମତେ ପଠନ କରାଯାଏ:

"16. ନିଦାନ ପାଇଁ ବ୍ୟକ୍ତିଗତ ପ୍ରତିବନ୍ଧକ:- * * * * *

(a)-  (b) * * * *

(c) ଯିଏ ଦୃଢ଼ ଭାବରେ କହିବା ଏବଂ ପ୍ରମାଣ କରିବାରେ ବିଫଳ ହୁଅନ୍ତି ଯେ ସେ କାର୍ଯ୍ୟ ସମ୍ପାଦନ କରିଛନ୍ତି କିମ୍ବା ସର୍ବଦା ପ୍ରସ୍ତୁତ ଅଛନ୍ତି ଏବଂ ତାଙ୍କ ଦ୍ଵାରା କାର୍ଯ୍ୟକାରୀ ହେବାକୁ ଥିବା ଚୁକ୍ତିର ଅତ୍ୟାବଶ୍ୟକ ସର୍ତ୍ତାବଳୀ ପାଳନ କରିବାକୁ ଇଚ୍ଛୁକ, କାର୍ଯ୍ୟ ସମ୍ପାଦନ ସର୍ତ୍ତାବଳୀ ବ୍ୟତୀତ ଯାହା ପ୍ରତିବାଦୀ ଦ୍ଵାରା ପ୍ରତିରୋଧ କିମ୍ବା ଛାଡ କରାଯାଇଛି ।

*ସ୍ପଷ୍ଟୀକରଣ* -- ଖଣ୍ଡ (c) ର ଉଦ୍ଦେଶ୍ୟ ପାଇଁ

(i) ଯେଉଁଠାରେ କୌଣସି ଚୁକ୍ତିରେ ଅର୍ଥ ପ୍ରଦାନ ଜଡ଼ିତ ଥାଏ, ଅଦାଲତଙ୍କ ନିର୍ଦ୍ଦେଶ ବ୍ୟତୀତ ବାଦୀଙ୍କ ପାଇଁ ପ୍ରତିବାଦୀ ପ୍ରକୃତରେ ପ୍ରଦାନ କରିବା କିମ୍ବା ଅଦାଲତରେ କୌଣସି ଟଙ୍କା ଜମା କରିବା ଜରୁରୀ ନୁହେଁ;

(ii) ବାଦୀ ନିଶ୍ଚିତ ଭାବେ ଚୁକ୍ତିର ପ୍ରକୃତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା କିମ୍ବା କାର୍ଯ୍ୟ ସମ୍ପାଦନ କରିବା ଲାଗି ପ୍ରସ୍ତୁତି ଏବଂ ଇଚ୍ଛାକଥା ଦୃଢ ଭାବେ କହିବେ ।"

ଅଧିନିୟମ 16 (c) ଅନୁଯାୟୀ ଥିବା ଭାଷା, ଆମ ମତରେ, କୌଣସି ନିର୍ଦ୍ଦିଷ୍ଟ ବାକ୍ୟାଂଶ ଆବଶ୍ୟକ କରେ ନାହିଁ, କିନ୍ତୁ କେବଳ ଏହା ଯେ ବାଦୀ ନିଶ୍ଚିତ ଭାବରେ ବୁଝିବେ ଯେ ସେ ଚୁକ୍ତିର ନିଜ ଅଂଶକୁ ପାଳନ କରିଛନ୍ତି କିମ୍ବା ସର୍ବଦା ପ୍ରସ୍ତୁତ ଏବଂ କରିବାକୁ ଇଚ୍ଛୁକ ଅଛନ୍ତି । ତେଣୁ, ପ୍ରସ୍ତୁତି ଏବଂ ଇଚ୍ଛା ସହିତ ଅନୁପାଳନକୁ ଅକ୍ଷର ଏବଂ ରୂପରେ ନୁହେଁ ବରଂ ତତ୍ତ୍ଵ ଏବଂ ଚେତନାରେ ହେବା ଆବଶ୍ୟକ । ସମଗ୍ର ଭାବରେ, ବାଦୀଙ୍କ ଆଚରଣରୁ ତତକ୍ଷଣାତ୍ ନିରନ୍ତର ପ୍ରସ୍ତୁତିର ଇଚ୍ଛାଶକ୍ତିକୁ ବହୁତ ଭଲ ଭାବରେ ଦେଖାଯାଇପାରେ । 17.6.1985 ରେ ପକ୍ଷମାନଙ୍କ ମଧ୍ୟରେ ପ୍ରଥମ ରାଜିନାମା ସ୍ଵାକ୍ଷରିତ ହୋଇଥିଲା ଏବଂ ବିକ୍ରି ଦଲିଲ କାର୍ଯ୍ୟକାରୀ କରିବାର ଶେଷ ତାରିଖ 14.11.1985 ଥିଲା । ଦ୍ଵିତୀୟ ରାଜିନାମା 9.4.1987 ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ବିକ୍ରି ଦଲିଲ କାର୍ଯ୍ୟକାରୀ କରିବାର ଶେଷ ତାରିଖ 13.6.1987 ଥିଲା । ପୁନର୍ବାର, ଉତ୍ତରଦାତାଙ୍କ ଅନୁରୋଧ କ୍ରମେ ସମୟ ବୃଦ୍ଧି କରାଯାଇଥିଲା ଯେହେତୁ ବିକ୍ରି ଦଲିଲ କାର୍ଯ୍ୟକାରୀ ହୋଇନଥିଲା, ତେଣୁ ଏଠାରେ ପ୍ରତିବାଦୀ 26.11.1987 ରେ ମକଦ୍ଦମା ଦାୟର କରିବାକୁ ବାଧ୍ୟ ହୋଇଥିଲେ । ଏହା ପରେ, ଆବେଦନକାରୀ ଏଠାରେ ବାଦୀ, ଉତ୍ତରଦାତାଙ୍କୁ 7.1.1988 ଏବଂ ସଂଲଗ୍ନକ 'P-5' ରେ ଏକ ନୋଟିସ୍ ଜାରି କରିଥିଲେ । ଏହା ମଧ୍ୟ ବିବାଦରେ ନାହିଁ ଯେ ଏଠାରେ ଉତ୍ତରଦାତା ସମ୍ପୂର୍ଣ୍ଣ ସ୍ଥିରୀକୃତ ବିକ୍ରୟ ରାଶିକୁ 18.5.1999 ରେ ଅଦାଲତରେ ଜମା କରିଛନ୍ତି । ଦସ୍ତାବିଜର ପଞ୍ଜୀକରଣ ପାଇଁ ସେ ନିବନ୍ଧନଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପସ୍ଥିତ ଥିଲେ । ତେବେ, ଆବେଦନକାରୀ-ପ୍ରତିବାଦୀ ନିବନ୍ଧନଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ଏହି ମାମଲାରେ ଦାଖଲ ହୋଇଥିବା ଆବେଦନ, ପ୍ରମାଣ ଏବଂ ଦସ୍ତାବିଜକୁ ଯତ୍ନର ସହ ଅନୁଧ୍ୟାନ କରିବା ଦ୍ଵାରା କେବଳ ଏହା ଜଣାପଡ଼ିବ ଯେ ଉତ୍ତରଦାତା-ଅଭିଯୋଗକାରୀ ସର୍ବଦା ପ୍ରସ୍ତୁତ ଥିଲେ ଏବଂ ରାଜିନାମା ଅନୁଯାୟୀ ତାଙ୍କ ଦାୟିତ୍ଵ ନିର୍ବାହ କରିବାକୁ ଇଚ୍ଛୁକ ଥିଲେ । ନିମ୍ନ ନ୍ୟାୟାଳୟର ବିଚାରାଦେଶକୁ ନିଶ୍ଚିତ କରି, ଉଚ୍ଚ ନ୍ୟାୟାଳୟ ଦ୍ଵାରା ପାରିତ ବିଚାରାଦେଶରେ କୌଣସି ଦୁର୍ବଳତା ନାହିଁ । ତେଣୁ ଏହି ଆବେଦନକୁ ଖାରଜ କରିବାରେ ଆମର କୌଣସି ଦ୍ଵିଧା ନାହିଁ।

ଆବେଦନକାରୀଙ୍କ ପାଇଁ ବିଦ୍ଵାନ ଓକିଲ, *'କାଂଶୀରାମ ବନାମ ଓମ ପ୍ରକାଶ ଜୱାଲ ଏବଂ ଅନ୍ୟମାନେ'* [1996] 4 ଏସ. ସି. ସି. 593ରେ ରିପୋର୍ଟ କରାଯାଇଥିବା ମାମଲାରେ ଏହି ନ୍ୟାୟାଳୟର ରାୟକୁ ଉଦ୍ଧୃତ କରିଥିଲେ, ଏବଂ ଉପସ୍ଥାପନା କରିଥିଲେ ଯେ ମକଦ୍ଦମା ବିଚାରଧୀନ ସମୟରେ ସମ୍ପତ୍ତିର ମୂଲ୍ୟ ବୃଦ୍ଧିକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ ଏବଂ ନିମ୍ନରେ ଥିବା ଅଦାଲତମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ମକଦ୍ଦମାରେ ବିଚାରାଦେଶ ନିର୍ଦ୍ଦେଶ ଦେବାକୁ ମନା କରିଦେବା ଉଚିତ ଥିଲା ଏବଂ କ୍ଷତି ପାଇଁ, ବିକଳ୍ପ ଅନୁରୋଧର ମଞ୍ଜୁର କରିବା ପାଇଁ ଏକ ଆଦେଶ ପାରିତ କରିବାରେ ଏହାର ଅଧିକାରିତା କ୍ଷେତ୍ର ପ୍ରୟୋଗ କରିବା ଉଚିତ ଥିଲା । ବର୍ତ୍ତମାନ ଏହା ଉପସ୍ଥାପିତ ହୋଇଛି ଯେ ସମ୍ପତ୍ତି ମୂଲ୍ୟ ଅନେକ ଥର ବୃଦ୍ଧି ପାଇଛି ଏବଂ ଯଦି ସମ୍ପତ୍ତି ବିକ୍ରି

ହୁଏ ତେବେ ଏହା 65-70 ଲକ୍ଷ ଟଙ୍କା ମୂଲ୍ୟ ହେବ । ବିବାଦିତ ସମ୍ପତ୍ତିର ମୂଲ୍ୟାଙ୍କନ ସମ୍ବନ୍ଧରେ ଏହି ମକଦ୍ଦମାର ସଠିକତା ଭିତରକୁ ଯିବାକୁ ଆମେ ପ୍ରସ୍ତାବ ଦେଉ ନାହୁଁ । କିଛି ପରିମାଣରେ, ବିଳମ୍ବ ମଧ୍ଯ ଏଠାରେ ପ୍ରତିବାଦୀଙ୍କ ପାଇଁ ଦାୟୀ । ତେଣୁ, ଆମ ମତରେ, ଆବେଦନକାରୀ-ପ୍ରତିବାଦୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ହେବ । ତେଣୁ ଆମେ ଏଠାରେ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଉଛୁ ଯେ ଆଜିଠାରୁ ତିନି ମାସ ମଧ୍ୟରେ ଆବେଦନକାରୀଙ୍କୁ Rs.100,000/- (କେବଳ ଏକ ଲକ୍ଷ ଟଙ୍କା) ପ୍ରଦାନ କରିବେ, ଯେଉଁଥିରେ ବିଫଳ ହେଲେ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଉତ୍ତରଦାତାଙ୍କ ଦ୍ୱାରା ଏଠାରେ ଆଗତ ହୋଇଥିବା ମକଦ୍ଦମା ଆପେଆପେ ଖାରଜ ହୋଇଯିବ । ଯଦି ନିର୍ଦ୍ଧାରିତ ସମୟ ମଧ୍ଯରେ ଅର୍ଥ ପ୍ରଦାନ କରାଯାଏ, ତେବେ ଆବେଦନକାରୀ କୌଣସି ବିଳମ୍ବ ନକରି ଉତ୍ତରଦାତାଙ୍କ ସପକ୍ଷରେ ବିକ୍ରି ଦଲିଲକୁ କାର୍ଯ୍ୟକାରୀ କରିବେ । ଆମେ ଏହା ମଧ୍ଯ ସ୍ପଷ୍ଟ କରୁଛୁ ଯେ ବିକ୍ରି ଦଲିଲ କାର୍ଯ୍ୟକାରୀ ହେବା ପରେ, ଆବେଦନକାରୀ-ପ୍ରତିବାଦୀ, ଶାନ୍ତିପୂର୍ଣ୍ଣ ଭାବରେ, ବିବାଦିତ ସମ୍ପତ୍ତିକୁ ଖାଲିକରି ଉତ୍ତରଦାତାଙ୍କୁ ହସ୍ତାନ୍ତର କରିବେ । ଆବେଦନକାରୀ-ପ୍ରତିବାଦୀ ଅଦାଲତରେ ଉତ୍ତରଦାତାଙ୍କ ଦ୍ୱାରା ପୂର୍ବରୁ ଜମା କରାଯାଇଥିବା ପରିମାଣକୁ ଉଠାଇବାପାଇଁ ସ୍ୱାଧୀନ ହେବେ ।

ଖର୍ଚ୍ଚ ବାବଦରେ କୌଣସି ଆଦେଶ ନଦେଇ ତଦନୁସାରେ ଦେୱାନୀ ଆବେଦର ସମାଧାନ କରାଗଲା ।

ବି. ବି. ବି. ଆବେଦନର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।